## ସଂକ୍ଷେପରେ

### ପାର୍ବଣ କବିତା ଆସର

ରାୟଗଡା,୨୬ା୧୦ (ଭାଗ୍ୟଶ୍ରୀ ମିଶ୍ର )

ଆମ ଖଟି ଓ ତିଲୋତ୍ତମା ସାହିତ୍ୟ ତରଫରୁ ସ୍ଥାନୀୟ ଆଜାଦ ହିନ୍ଦ୍ ୟୁଥ ଆସୋସିଏଶନ ସମ୍ମିଳନୀ କକ୍ଷରେ ଗୁରୁବାର ଏକ ପାର୍ବଣ କବିତା ଓ ଗଳ୍ପ ଆସର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଆସରକୁ ବିଶିଷ୍ଟ ଶିକ୍ଷାବିତ୍ ଡ. ଦୁଷ୍ମନ୍ତ କୁମାର ମହାନ୍ତି ଉଦ୍‌ଘାଟନକରି ଆଧୁନିକ ନାରୀମାନଙ୍କ ସମାଜ ପାଇଁଥିବା କର୍ତ୍ତବ୍ୟ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପିକା ରାଜଲକ୍ଷ୍ମୀ ଦେବୀ, ତ୍ରିବେଣୀ ମିଶ୍ର, ମଞ୍ଜୁଶ୍ରୀ ମୁଖାର୍ଜୀ, ସଦାଶିବ ରାଜଗୁରୁ, ଅରୁଣ ପାଣିଗ୍ରାହୀ, ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଦେବକୀ ଗହିର, ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଛାତ୍ରୀ ଇ. ତେଜଶ୍ରୀ କବିତା ଓ ଗଳ୍ପ ପାଠ କରିଥିଲେ। କବି ବିମଳ ଚାନ୍ଦ ପଟ୍ଟନାୟକ, ନୀଳମଣି ପାଟଜୋଷୀ ଆସରକୁ ପରିଚାଳନା କରିଥିଲେ ଓ କବି ଶ୍ରୀଧର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ଟିକିରିରେ ସରିଲା ଦଶହରା ମହୋତ୍ସବ



ଟିକିରି,୨୬ା୧୦ (ପ୍ରଫୁଲ୍ଲ କୁମାର ବେହେରା):

ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ ଲିମିଟେଡ ପକ୍ଷରୁ ଟିକିରିସ୍ଥିତ ଦୋରାଗୁଡା ଦଶହରା ପଡିଆରେ ଆରମ୍ଭ ହୋଇଥିବା ଦଶହରା ମହୋତ୍ସବ ଶେଷ ହୋଇଛି। ଦୁର୍ଗାପୂଜା ଅବସରରେ ମା' ଦୁର୍ଗାଙ୍କ ମୃଣ୍ମୟୀ ପ୍ରତିମା ପୂଜାର୍ଚ୍ଚନା କରାଯିବା ସହିତ ପ୍ରତି ସନ୍ଧ୍ୟାରେ ମେଲୋଡି, ନୃତ୍ୟ ପ୍ରଦର୍ଶନ, ନାଟକ ଭଳି ବିବିଧ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସ୍ଥାନୀୟ ପ୍ରତିଭାଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ପାଇଁ ଏକ ସାଂସ୍କୃତିକ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କମ୍ପାନୀ ପକ୍ଷରୁ ବିଭିନ୍ନ ପ୍ରକାର ଖାଦ୍ୟ ଷ୍ଟଲ ଖୋଲାଯାଇଥିଲା। ପ୍ରଦର୍ଶନୀ ଏବଂ ଷ୍ଟଲଗୁଡିକ ସ୍ଥାନୀୟ ଉଦ୍ୟୋଗୀଙ୍କୁ ସେମାନଙ୍କର ଉତ୍ପାଦ ପ୍ରଦର୍ଶନ ଓ ବିକ୍ରି କରିବା ନିମନ୍ତେ ସୁଯୋଗ ଯୋଗାଇ ଦେଇଥିଲା। ଦଶହରା ସନ୍ଧ୍ୟାରେ 'ରାବଣପୋଡି' ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଚିତ୍ତାକର୍ଷକ ଆତସବାଜି ପ୍ରଦର୍ଶନ ଦର୍ଶକଙ୍କୁ ବିମୋହିତ କରିଥିଲା। ଉତ୍କଳ ଆଲୁମିନା ୟୁନିଟ ହେଡ ଓ ପ୍ରେସିଡେଣ୍ଟ ମଜହର ବେଗ, ପୋଲିସ, ଜିଲା ପ୍ରଶାସନ ଏବଂ କମ୍ପାନୀର କର୍ମଚାରୀମାନେ ଉତ୍ସବରେ ସାମିଲ ହୋଇଥିଲେ।

### ବିଦ୍ୟୁତ୍ ଆଘାତରେ ଚାଷୀଙ୍କ ମୃତ୍ୟୁ

କାଳିମେଳା,୨୬ା୧୦ (ଜୀବନକୃଷ୍ଣ ଦାସ)

ଜମିରେ ପାଣି ମଡ଼ାଇବାକୁ ଯାଇ ବିଦ୍ୟୁତ୍ ଆଘାତରେ କାଳିମେଳା ବ୍ଲକ ଚିତାଲୱାଡ଼ା ପଞ୍ଚାୟତ କସଲକୋଣ୍ଡା କଲୋନିର ଜଣେ ଚାଷୀଙ୍କର ଗୁରୁବାର ମୃତ୍ୟୁ ଘଟିଛି। ମୃତ ଚାଷୀ ଜଣକ ହେଲେ ପଦ୍ମ ଖରା (୩୮)। ଏନେଇ ମାଲକାନଗିରି ସଦର ଥାନାରେ ଅଭିଯୋଗ ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଗ୍ରାମବାସୀଙ୍କ କହିବାନୁଯାୟୀ, ବର୍ଷା ଅଭାବରୁ ଜମିରେ ଧାନ ଫସଲ ଶୁଖିଯାଉଥିଲା। ଧାନ ବାହାରୁଥିବା ବେଳେ ଗଛ ସବୁ ମରିଯାଉଛି। ଏହାକୁ ଦୃଷ୍ଟିରେ ରଖି ପଦ୍ମ ତାଙ୍କ ଜମିରେ ପାଣି ମଡ଼ାଇବା ପାଇଁ ଖେତକୁ ଯାଇଥିଲେ। ଏକ ବିଦ୍ୟୁତ୍‌ଚାଳିତ ପମ୍ପ ଦ୍ୱାରା ନିକଟ କେନାଲର ପାଣି ମଡ଼ାଇବା ବ୍ୟବସ୍ଥା କରୁଥିବା ବେଳେ ହଠାତ୍ ଆଘାତ ଲାଗିଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

# ବିଧାୟକ ପ୍ରାର୍ଥୀ ପାଇଁ ୨ ନୀଳମାଧବ ଆଶାୟୀ

ରାୟଗଡ଼ା,୨୬ା୧୦(ଆଶିଷ ରଞ୍ଜନ ପଣ୍ଡା)

ଆଗାମୀ ସାଧାରଣ ନିର୍ବାଚନ ପାଇଁ ରାୟଗଡ଼ା ଜିଲାର ୩ଟି ନିର୍ବାଚନମଣ୍ଡଳୀରେ ୩ ପ୍ରମୁଖ ଦଳର ଆଶାୟୀ ପ୍ରାର୍ଥୀମାନେ ପ୍ରଚାର ପ୍ରସାର ଆରମ୍ଭ କରିଦେଇଛନ୍ତି। ଜିଲାରେ ସବୁଠାରୁ ଚର୍ଚ୍ଚାରେ ରହିଛି ବିଷମକଟକ ନିର୍ବାଚନମଣ୍ଡଳୀ। ଏଠାରେ ବିଜେଡିରୁ ୨ ଜଗନ୍ନାଥ ଆଶାୟୀ ପ୍ରାର୍ଥୀ ରହିଥିବା ବେଳେ କଂଗ୍ରେସ ଦଳରୁ ୨ ନୀଳମାଧବ ଆଶାୟୀ ପ୍ରାର୍ଥୀ ରହିଛନ୍ତି। ଏକଦା କଂଗ୍ରେସ ଗଡ଼ ଭାବେ ପରିଚିତ ବିଷମକଟକ ନିର୍ବାଚନମଣ୍ଡଳୀରେ ଗତ ୨ ନିର୍ବାଚନରେ କଂଗ୍ରେସକୁ ପରାଜିତ କରି ବାଜିମାତ୍ କରିଛି ବିଜେଡି। ତେବେ ଆଗାମୀ ନିର୍ବାଚନରେ ବିଜେଡିକୁ କଂଗ୍ରେସ କଡ଼ା ଟକ୍କର ଦେବା ନେଇ ଚର୍ଚ୍ଚା ଜୋର ଧରିଛି। ଏଥର କଂଗ୍ରେସ ଦଳରୁ ଟିକେଟ ପାଇଁ ଲବି ଚଳାଇଛନ୍ତି ପୂର୍ବତନ ମନ୍ତ୍ରୀ ତଥା ଭେଟେରାନ ନେତା ଉମ୍ବରୁଧର ଉଲାକାଙ୍କ ପୁଅ ନୀଳମାଧବ ଉଲାକା। ନୀଳମାଧବ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକାଙ୍କ ଦାଦା ପୁଅ ଭାଇ। ବାପା ଉମ୍ବରୁ ଉଲାକା ୧୯୭୪ ରୁ ୨୦୧୪ ପର୍ଯ୍ୟନ୍ତ ଅନେକ ଥର କଂଗ୍ରେସର ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ୫ ଥର ବିଧାୟକ ହୋଇଥିଲେ। ଏଥିସହ ସେ କଂଗ୍ରେସର ଜଣେ ଆଗଧାଡ଼ିର ନେତା ଓ ରାଜ୍ୟର ଟାଣୁଆ ମନ୍ତ୍ରୀ ଭାବେ ମଧ୍ୟ ପରିଚିତ ଥିଲେ। ବର୍ତ୍ତମାନ ତାଙ୍କ ପୁଅ ନୀଳମାଧବ ରାଜନୀତିରେ ବେଶ୍ ସକ୍ରିୟ ଅଛନ୍ତି। ସେ ଗତ ୫ବର୍ଷ ମଧ୍ୟରେ ବିଷମକଟକ ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ଅଞ୍ଚଳ ବୁଲି ନିଜ ସଂଗଠନକୁ ମଜଭୁତ କରିବାରେ ଲାଗିଛନ୍ତି। କଂଗ୍ରେସ ଦଳରେ ପୂର୍ବରୁ ବାପା ଉମ୍ବରୁଙ୍କ ଦବ୍‌ଦବା ରହିଥିବାରୁ ଆଗାମୀ ନିର୍ବାଚନରେ ସେ ବିଷମକଟକରୁ ବିଧାୟକ ପ୍ରାର୍ଥୀ ପାଇଁ ଦାବିଦାର ରହିଛନ୍ତି। ତେବେ ଗତ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ହୋଇ ବିଜେଡିଠାରୁ ପରାଜିତ ହୋଇଥିବା



ନୀଳମାଧବ ଉଲାକା ନୀଳମାଧବ ହିକ୍‌କା

**ବିଷମକଟକ ନିର୍ବାଚନମଣ୍ଡଳୀରୁ କାହାକୁ ମିଳିବ କଂଗ୍ରେସ ଟିକେଟ**

ନୀଳମାଧବ ହିକ୍‌କା ମଧ୍ୟ ପୁନଃ ଆଶାୟୀ ରହିଛନ୍ତି। ସେ ୨୦୧୯ରେ କଂଗ୍ରେସ ଦଳରୁ ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ହାରିଯାଇଥିଲେ ମଧ୍ୟ ଦଳ ସହ ରହି ନିଜର ସଂଗଠନକୁ ଆହୁରି ଅଧିକ ମଜଭୁତ କରିଥିବା କର୍ମୀ ମହଲରେ ଆଲୋଚନା ଜୋର ଧରିଛି। କୋରାପୁଟ ଏମ୍‌ପି ସପ୍ତଗିରି ଉଲାକାଙ୍କ ସହ ମଧ୍ୟ ତାଙ୍କ ସମ୍ପର୍କ ନିବିଡ଼ ରହିଛି। ୨୦୧୯ ନିର୍ବାଚନରେ ବିଜେଡି ପ୍ରାର୍ଥୀ ତଥା ମନ୍ତ୍ରୀ ଜଗନ୍ନାଥ ସାରକା ୬୬ ହଜାର ୧୫୦ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ନୀଳମାଧବ ହିକ୍‌କା କଂଗ୍ରେସରୁ ପ୍ରାର୍ଥୀ ହୋଇ ୫୨ହଜାର ୮୧୮ ଖଣ୍ଡ ଭୋଟ ପାଇ ଦ୍ୱିତୀୟରେ ରହିଥିଲେ।

ଗତ ୧୧ ତାରିଖରେ ବିଷମକଟକ ନିର୍ବାଚନମଣ୍ଡଳୀରେ ଘରେ ଘରେ କଂଗ୍ରେସ ଘରେ ଘରେ ହାତ କାର୍ଯ୍ୟକ୍ରମରେ ନୀଳମାଧବ ହିକ୍‌କାଙ୍କ ସମର୍ଥକମାନେ ଶୋଭାଯାତ୍ରା କରିଥିବା ବେଳେ ଏଥିରେ ପ୍ରଦେଶ କଂଗ୍ରେସ କମିଟି ପ୍ରଚାର ଅଧ୍ୟକ୍ଷ ବିଜୟ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କିନ୍ତୁ ଏହି କାର୍ଯ୍ୟକ୍ରମରେ ଭେଟେରାନ ନେତା ଉମ୍ବରୁଧର ଉଲାକା, ନୀଳମାଧବ ଉଲାକା ଓ ତାଙ୍କ ସମର୍ଥକଙ୍କ ଦେଖା ମିଳି ନ ଥିଲା। ଏହା ଦଳରେ ରହିଥିବା ଗୋଷ୍ଠୀ କନ୍ଦଳକୁ ସୂଚନା ଦେଉଛି। ଦଳରୁ ବିଧାୟକ ଟିକେଟ ହାତେଇବା ପାଇଁ ଦୁଇ ନୀଳମାଧବଙ୍କ ମଧ୍ୟରେ ଏକ ପ୍ରକାର ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିଛି। ତେବେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଦିଲ୍ଲୀରୁ ଏକ ସର୍ଭେ ଟିମ୍ ଓଡ଼ିଶା ଆସି ସମସ୍ତ ନିର୍ବାଚନମଣ୍ଡଳୀରେ ରହିଥିବା ଆଶାୟୀ ପ୍ରାର୍ଥୀଙ୍କ ଲୋକପ୍ରିୟତା ଉପରେ ଜନମତ ସଂଗ୍ରହ କରୁଛନ୍ତି। ତେଣୁ କାହାକୁ ଟିକେଟ ମିଳିବ ସମୟ କହିବ। ଏ ନେଇ ଜିଲା କଂଗ୍ରେସ ସଭାପତି ବିଜୟ ଗମାଙ୍ଗଙ୍କୁ ପଚାରିବାରୁ ଉଭୟ ବିଧାୟକ ପ୍ରାର୍ଥୀ ପାଇଁ ଆଶାୟୀ ରହିଛନ୍ତି। ହେଲେ ଦଳ ଯାହାକୁ ଟିକେଟ ଦେବେ ସେ ପ୍ରାର୍ଥୀ ହେବେ ବୋଲି ସଭାପତି ବିଜୟ ଗମାଙ୍ଗ କହିଛନ୍ତି।

## ରାୟଗଡ଼ାରୁ ଜେକେପୁର ରାସ୍ତା ଶୋଚନୀୟ



ଖାଲଢ଼ିପ ରାସ୍ତାରେ ଲୋକେ ଯାତାୟାତ କରୁଛନ୍ତି।

ରାୟଗଡା,୨୬ା୧୦ (ଭାଗ୍ୟଶ୍ରୀ ମିଶ୍ର )

ପାର୍ବଣ ଋତୁ ଚାଲିଥିବାରୁ ଗତ ସପ୍ତାହେ ହେଲା ପ୍ରାୟ ସବୁ ରାସ୍ତା ଜାମ୍ ରହୁଛି। ମୁଖତଃ ଜେକେପୁର ଦୁର୍ଗାପୂଜା ପାଇଁ ଅନେକ ସ୍ଥାନରୁ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳୁଛି। ତେବେ ଉଭୟ ରାୟଗଡ଼ାରୁ ଜେକେପୁର ଏବଂ ଅମ୍ଳଭଟା ଛକରୁ ମୁନିଗୁଡା ରାସ୍ତା ଅତି ଶୋଚନୀୟ ହୋଇପଡ଼ିଥିବାରୁ ଲୋକେ ବାଇକ୍ କିମ୍ବା ସାଇକେଲରେ ଯାତାୟାତ ସମୟରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ଖାଲଢିପ ରାସ୍ତା ଯୋଗୁ ବିଶେଷକରି ବୟସ୍କ ଓ ଛୋଟ ପିଲାଙ୍କୁ ନେଇ ଉକ୍ତ ରାସ୍ତାରେ ଯିବାଆସିବା କରିବା ବିପଦପୂର୍ଣ୍ଣ ଥିବା ଅଭିଯୋଗ ହୋଇଛି। ଶୋଚନୀୟ ରାସ୍ତା ଯୋଗୁ ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ମଧ୍ୟ ଘଟୁଛି। ଗୁରୁବାର ରାୟଗଡ଼ାରେ ଜଣେ ଖବରଦାତା ସୀମାଞ୍ଚଳ ପଣ୍ଡା ଖବର ସଂଗ୍ରହ କରି ନିଜ ଘର ମୁନିଗୁଡ଼ାକୁ ଫେରୁଥିବାବେଳେ ଭାତପୁରଠାରେ ଏକ ଟ୍ରାକ୍ଟର ସହ ଦୁର୍ଘଟଣା ଘଟିବାକୁ ସେ ଗୁରୁତର ଆହତ ହୋଇଛନ୍ତି। ରାସ୍ତା ମରାମତି ନେଇ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ ଜାତୀୟ ରାଜପଥ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ପ୍ରତିଦିନ ଏହି ରାସ୍ତାରେ ମନ୍ତ୍ରୀ, ବିଧାୟକ, ଜାତୀୟ ରାଜପଥ ଏବଂ ରାଜ୍ୟ ରାଜପଥର ଅଧିକାରୀ, ଜିଲାସ୍ତରୀୟ ଅଧିକାରୀମାନେ ଯାଉଥିଲେ ମଧ୍ୟ ଏଥିପ୍ରତି କାହାର ଦୃଷ୍ଟି ପଡୁନାହିଁ। ସାଇକେଲ, ବାଇକରେ ଲୋକେ ଅସୁରକ୍ଷିତ ଭାବେ ଯାତାୟାତ କରୁଥିବା ଅଭିଯୋଗ କରିଛନ୍ତି। ପାର୍ବଣ ପୂର୍ବରୁ ରାସ୍ତା ମରାମତି କରାଯାଇ ନ ଥିବାରୁ ଲୋକେ ଅସନ୍ତୋଷ ବ୍ୟକ୍ତ କରିବା ସହ ବିଭାଗୀୟ ଅଧିକାରୀ ଏଥିପ୍ରତି ତୁରନ୍ତ ଧ୍ୟାନଦେଇ ରାସ୍ତା ମରାମତି ପାଇଁ ଦାବି କରିଛନ୍ତି। ଏ ସମ୍ପର୍କରେ ଏନ୍‌ଏଚ୍‌ର ଏସ୍‌ଡିଓ ବିକ୍ରମ ପାଣିଗ୍ରାହୀଙ୍କୁ ଫୋନ୍ କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

# କ୍ୟାବିନେଟ୍ ମଞ୍ଜୁରୀ ଅପେକ୍ଷାରେ ଗୁଣପୁର-ଥେରୁବାଲି ରେଳପଥ

**ପୂର୍ବତଟ ରେଳପଥ ଜିଏମ୍‌ଙ୍କ ଗୁଣପୁର ଷ୍ଟେଶନ ପରିଦର୍ଶନ**

ଗୁଣପୁର,୨୬ା୧୦ (ପ୍ରଦୀପ କୁମାର ପାଢ଼ୀ)

ପୂର୍ବତଟ ରେଳପଥ ଜିଏମ୍ ମନୋଜ ଶର୍ମା ଗୁରୁବାର ଗୁଣପୁର ଷ୍ଟେଶନ ପରିଦର୍ଶନ କରି ଫେରିଯାଇଛନ୍ତି। ସେ ଗୁଣପୁରଠାରେ ପହଞ୍ଚିବା ପରେ ନବନିର୍ମାଣ ସମିତିର ଅଧ୍ୟକ୍ଷ ଅକ୍ଷୟ ଦାସ ଏବଂ ଆନ୍ଧ୍ର-ଓଡ଼ିଶା ରେଳ ବ୍ୟବହାରିକ ସଂଘର ସମ୍ପାଦକ ଗଜେନ୍ଦ୍ର ନାଥ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ତାଙ୍କୁ ସ୍ୱାଗତ କରିଥିଲେ। ଜିଏମ୍ ଶର୍ମା ତାଙ୍କର ଏହି ପରିଦର୍ଶନ ସମୟରେ ବିଭିନ୍ନ ବିଷୟରେ ଅନୁଧ୍ୟାନ କରିବା ସହ ନୌପଡ଼ା-ଗୁଣପୁର ରେଳପଥରେ ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଗୁଣପୁର- ଥେରୁବାଲି ରେଳପଥର ସର୍ଭେ ସହ ଡିପିଆର୍ ସରିଥିବାବେଳେ ଏହା ଏବେ କେନ୍ଦ୍ର କ୍ୟାବିନେଟ୍ ନିକଟରେ ରହିଛି। ସେଠାରୁ ଅନୁମତି ତଥା ମଞ୍ଜୁରୀ ମିଳିଲେ ଏହି ରେଳପଥର ଅଗ୍ରଗତି ଘଟିବ ବୋଲି ଜିଏମ୍ ଶର୍ମା ସୂଚନା ଦେଇଥିଲେ। ଗୁଣପୁର -ନୌପଡ଼ା ମଧ୍ୟରେ ଗାଡିର ବେଗ ବଢ଼ାଇବା ପାଇଁ ସମସ୍ତ କାର୍ଯ୍ୟ ଶେଷ ହୋଇଛି। ଅତିଶୀଘ୍ର ଟ୍ରେନର ବେଗ ବଢିବ ବୋଲି ସେ କହିଥିଲେ। ସେହିପରି ଅନ୍ୟ ସମସ୍ୟା ସମ୍ପର୍କରେ ଦୃଷ୍ଟି ଦିଆଯିବ ବୋଲି ମଧ୍ୟ ଜିଏମ୍ ଶର୍ମା କହିଥିଲେ। ଏହି ସମୟରେ ଜିଏମ୍ ଶର୍ମାଙ୍କୁ ନବନିର୍ମାଣ ସମିତି ଏବଂ ଆନ୍ଧ୍ର-ଓଡ଼ିଶା ରେଳ ବ୍ୟବହାରିକ ସଂଘ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଗୁଣପୁର-ଥେରୁବାଲି ରେଳପଥକୁ ଗତିଶକ୍ତି ଯୋଜନାରେ ତ୍ୱରିତ କରିବା, ନୌପଡ଼ା-ଗୁଣପୁର ରେଳପଥକୁ ହେରିଟେଜର ମାନ୍ୟତା, କାଶୀନଗର, ତେମ୍ଭୁର ଓ ଗାଙ୍ଗୁୱାଡାଠାରେ ରେଳଲାଇନ କ୍ରସିଂ ତଥା ଲୁପ୍ ଲାଇନ ନିର୍ମାଣ, ଗୁଣପୁରଏବଂ ପାରଳାଖେମୁଣ୍ଡିଠାରେ ନୂତନ ଲୁପ୍ ଲାଇନ ନିର୍ମାଣ, ପୁରୀ-ଗୁଣପୁର-ପୁରୀ ଏକ୍ସପ୍ରେସ୍ ଟ୍ରେନକୁ ଗଜପତି ଏକ୍ସପ୍ରେସ୍ ଏବଂ ବିଶାଖାପାଟଣା-ଗୁଣପୁର-ବିଶାଖାପାଟଣା ଟ୍ରେନକୁ ବଂଶଧାରା ଏକ୍ସପ୍ରେସ୍ ନାମରେ ନାମକରଣ କରିବା, ଗୁଣପୁର- ବିଶାଖାପାଟଣା ଟ୍ରେନ୍‌କୁ ବିଜୟୱାଡା କିମ୍ବା ଗୁଣ୍ଟୁର ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା ଏବଂ ସିକନ୍ଦରାବାଦ-ବିଶାଖାପାଟଣା ଗରିବ ରଥକୁ ଗୁଣପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା ଆଦି ଦାବି କରାଯାଇଛି। ଏହି ଅବସରରେ ବିଶାଖାପାଟଣା ଡିଆର୍‌ଏମ୍ ସୌରଭ ପ୍ରସାଦଙ୍କ ସମେତ ଭୁବନେଶ୍ୱର ଓ ବିଶାଖାପାଟଣା କାର୍ଯ୍ୟାଳୟର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ଜିଏମ୍‌ଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମୁଛନ୍ତି ଦର୍ଶକ

### ୬ଷ୍ଠ ଦିନରେ ଜେକେପୁର ଦୁର୍ଗାପୂଜା

ରାୟଗଡ଼ା,୨୬ା୧୦(ଭାଗ୍ୟଶ୍ରୀ ମିଶ୍ର )

ଶାରଦୀୟ ଦୁର୍ଗାପୂଜା ସମସ୍ତ ସ୍ଥାନରେ ଶେଷ ହୋଇଥିବା ବେଳେ କେବଳ ଜେକେପୁରରେ ଶୁକ୍ରବାର ମା' ଦୁର୍ଗାଙ୍କୁ ମେଲାଣି ଦିଆଯିବ। ଦୀର୍ଘ ୬ ଦିନ ଧରି ଆୟୋଜିତ ଦଶହରା ପୂଜାରେ ଭକ୍ତମାନଙ୍କ ମନୋରଞ୍ଜନ ପାଇଁ ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଅପେରାର ବ୍ୟବସ୍ଥା କରାଯାଇଛି। ଗତ ଶୁକ୍ରବାର ଷଷ୍ଠୀଠାରୁ ଆରମ୍ଭ ହୋଇଛି ଜେକେପୁରର ଦୁର୍ଗାପୂଜା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ। ଶୁକ୍ରବାର ମା'ଙ୍କ ଭସାଣି ଉତ୍ସବ ଥିବାରୁ ଗୁରୁବାର ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଛି। ଗୁରୁବାର ଭୁବନେଶ୍ୱରସ୍ଥିତ ଉପାସନା ମ୍ୟୁଜିକାଲ ଗ୍ରୁପ୍ ପକ୍ଷରୁ ସଂଗୀତ ପରିବେଷଣ କରିଥିବାବେଳେ ଏବଂ ଶୁକ୍ରବାର ମୁମ୍ବାଇର କଳାକାର କୱାଲି ପରିବେଷଣ କରିବା କାର୍ଯ୍ୟକ୍ରମ ଥିବାରୁ ଅଧିକ ଭିଡ଼ ହେବ ବୋଲି ଆଶା କରାଯାଉଛି। ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ମିନାବଜାର ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦର୍ଶକ ମନଭରି ଉପଭୋଗ କରୁଥିବା ଦେଖିବାକୁ ମିଳିଛି।

## ସୀମାନ୍ତରେ ୨ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,୨୬ା୧୦ (ଦୁର୍ଯ୍ୟୋଧନ ପାତ୍ର)



ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡର ଦନ୍ତେୱାଡାରେ ବିଧାନସଭା ନିର୍ବାଚନ ପୂର୍ବରୁ ପୋଲିସ ନିକଟରେ ୨ ସକ୍ରିୟ ମାଓବାଦୀ ସଂଗଠନ ତ୍ୟାଗ କରି ଗୁରୁବାର ଆତ୍ମସମର୍ପଣ କରିଛନ୍ତି। ସୂଚନା ଅନୁଯାୟୀ, ଦନ୍ତେୱାଡା ପୋଲିସ ଦ୍ୱାରା ପରିଚାଳିତ ମାଓବାଦୀ ବିଲୋପ ଏବଂ ପୁନର୍ବାସ ନୀତି ଅଧୀନରେ ଘରକୁ ଫେରା ଅଭିଯାନରେ ଅନେକ ମାଓବାଦୀ ପୂର୍ବରୁ ଆତ୍ମ ସମର୍ପଣ କରିଛନ୍ତି। ତେବେ ଏହି ଯୋଜନାର ସଫଳତାକୁ ଦୃଷ୍ଟିରେ ରଖି ଏମାନେ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଦନ୍ତେୱାଡା ପୋଲିସ ଅଧୀକ୍ଷକ ଗୌରବ ରାୟଙ୍କ ନିକଟରେ ଏମାନେ ଆତ୍ମସମର୍ପଣ କରିଥିବା ବେଳେ କଟେକଲ୍ୟାଣ ମାଓବାଦୀ କ୍ଷେତ୍ର କମିଟିର ସକ୍ରିୟ ସଦସ୍ୟ ଥିଲେ। ଉଭୟ ମାଓବାଦୀ ବନ୍ଦ ସମୟରେ ରାସ୍ତା ଖୋଳିବା, ଗଛ କାଟିବା, ବୋମା ଖଞ୍ଜିବା, ବ୍ୟାନର, ପୋଷ୍ଟର ଏବଂ ପାମ୍ଫଲେଟ୍ ଲଗାଇବା ଘଟଣାରେ ସମ୍ପୃକ୍ତ ଥିଲେ। ତେବେ ଘରକୁ ଫେରି ଅଭିଯାନ ମାଧ୍ୟମରେ ବର୍ତ୍ତମାନ ପର୍ଯ୍ୟନ୍ତ ସମୁଦାୟ ୬୫୨ ମାଓବାଦୀ ଏବଂ ୧୬୬ ପୁରସ୍କାର ଘୋଷିତ ମାଓବାଦୀ ଆତ୍ମସମର୍ପଣ କରି ସମାଜର ମୁଖ୍ୟ ସ୍ରୋତରେ ଯୋଗ ଦେଇଥିବା ବେଳେ ଏହି ଦୁଇ ମାଓବାଦୀଙ୍କୁ ମଧ୍ୟ ସରକାରୀ ନୀତି ଅନୁଯାୟୀ ଥଇଥାନ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ଜିଲା ବିଜୁ ଜନତା ଦଳର ପ୍ରସ୍ତୁତି ବୈଠକ

ମାଲକାନଗିରି,୨୬ା୧୦(ଦୁର୍ଯ୍ୟୋଧନ ପାତ୍ର)/ କାଳିମେଳା(ଜୀବନକୃଷ୍ଣ ଦାସ)

ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଲୋକଙ୍କ ସୁବିଧାକୁ ପ୍ରାଥମିକତା ଦିଆଯାଉଛି। ପ୍ରତି ପଞ୍ଚାୟତରେ ହେବ ଲୋକାଭିମୁଖୀ ପ୍ରକଳ୍ପ। ପଞ୍ଚାୟତଗୁଡିକରେ ବିକାଶମୂଳକ କାର୍ଯ୍ୟ ଲାଗି ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ହୋଇଛି। ୫୦ ଲକ୍ଷରେ ଗାଁର ବିକାଶ ହେବ, ଅର୍ଥ ସାଜିବନି ବାଧକ, ଗାଁର ବିକାଶ ପାଇଁ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ସାରା ରାଜ୍ୟରେ ୩୩୯୭ କୋଟି ଖର୍ଚ୍ଚ ଲାଗି ନିଷ୍ପତ୍ତି ହୋଇଛି। ଆସନ୍ତା ମାସ ୪ ତାରିଖରେ ମାଲକାନଗିରି ଜିଲାର ୭ ବ୍ଲକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫେରେନ୍ସରେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ଘୋଷଣା କାର୍ଯ୍ୟକ୍ରମ ରହିଛି। ମାଲକାନଗିରି ଜିଲା ବିଜୁ ଜନତା ଦଳ ତରଫରୁ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମକୁ କିଭଳି ଭାବେ ସଫଳ ରୂପାୟନ କରିବା ପାଇଁ ପଡ଼ିଆ ବ୍ଲକ, କାଳିମେଳା, ମାଲକାନଗିରି ବ୍ଲକ ଓ ମାଲକାନଗିରି ପୌର ପରିଷଦର ବିଜୁ ଜନତା ଦଳର କାର୍ଯ୍ୟକର୍ତ୍ତାଙ୍କୁ ନେଇ ପୃଥକ୍ ପୃଥକ୍ ସ୍ଥାନରେ ଜିଲା ବିଜୁ ଜନତା ଦଳ ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମିଙ୍କ ନେତୃତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା ବିଜୁ ଜନତା ଦଳର କାର୍ଯ୍ୟକାରୀ ସଭାପତି ଦୁର୍ଗା ତ୍ରିପାଠୀ, ବରିଷ୍ଠ ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା, ତପନ ସାନା, ପ୍ରଫୁଲ୍ଲ ପଣ୍ଡା, ଜିଲା ସାଧାରଣ ସମ୍ପାଦକ ପ୍ରଭାକର ପ୍ରଧାନ, ରବି ପାତ୍ର, ଜିଲା ଯୁବ ସଭାପତି ତଥା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଆଡମା ରାବା, ବରିଷ୍ଠ ନେତା ତଥା ଆଇନଜୀବୀ ସାଙ୍ଗୁଖ୍ୟ ସଭାପତି ଗୋପାଳକୃଷ୍ଣ ପଣ୍ଡା, ଉପସଭାପତି ଡାନେଲ କୁମାର ପଟଲା, ଜିଲା ମହିଳା ସଭାନେତ୍ରୀ ଲକ୍ଷ୍ମୀ ପ୍ରିୟା ନାୟକ, ପର୍ଯ୍ୟବେକ୍ଷକ ପ୍ରସାଦ ବିଡିକା, କେ. ରାହୁଲ ପ୍ରମୁଖଙ୍କ ସହ ଜିଲା ବିଜୁ ଜନତା ଦଳର ସମସ୍ତ ଜିଲା କମିଟି କାର୍ଯ୍ୟକର୍ତ୍ତା ଓ ଛାତ୍ର ଜନତା ଦଳ ଉପସ୍ଥିତ ଥିଲେ।



ମାଲକାନଗିରିରେ ବିଜେଡି ପ୍ରସ୍ତୁତି ବୈଠକରେ କର୍ମୀମାନେ ଆଲୋଚନା କରୁଛନ୍ତି।

## ସମାଜ କଲ୍ୟାଣ ବୋର୍ଡ ଅଧ୍ୟକ୍ଷାଙ୍କ ସାହାରା ପରିବାର ପରାମର୍ଶ କେନ୍ଦ୍ର ପରିଦର୍ଶନ




ସାହାରା ପରିବାର ପରାମର୍ଶ କେନ୍ଦ୍ର ପରିଦର୍ଶନ ସମୟରେ ବୋର୍ଡ ଅଧ୍ୟକ୍ଷା କଲ୍ୟାଣୀ ନାୟକଙ୍କ ସହ ଅନ୍ୟମାନେ।

ଗୁଣପୁର,୨୬ା୧୦ (ପ୍ରଦୀପ କୁମାର ପାଢ଼ୀ)

ରାଜ୍ୟ ସମାଜ କଲ୍ୟାଣ ବୋର୍ଡ ଅଧ୍ୟକ୍ଷା କଲ୍ୟାଣୀ ନାୟକ ଗୁରୁବାର ରାୟଗଡ଼ା ଜିଲା ପାଇଁ କାମ କରୁଥିବା ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଥିବା ସାହାରା ପରିବାର ପରାମର୍ଶ କେନ୍ଦ୍ର ପରିଦର୍ଶନ କରିଛନ୍ତି। ଏହି ଅବସରରେ ଅଧ୍ୟକ୍ଷା କଲ୍ୟାଣୀ ନାୟକ ଏବଂ ରାୟଗଡ଼ା ଜିଲା ସମାଜ କଲ୍ୟାଣ ବିଭାଗର ଉପଖଣ୍ଡ ସୁରକ୍ଷା ଅଧିକାରୀ ଏଲ୍. ସନ୍ତୋଷ କୁମାର ଯୁଗ୍ମ ଭାବେ ସାହାରା ପରିବାର ପରାମର୍ଶ କେନ୍ଦ୍ରର ସମସ୍ତ କାର୍ଯ୍ୟକ୍ରମ ବିଷୟରେ ସମୀକ୍ଷା କରିଥିଲେ। ଏହି କେନ୍ଦ୍ରର ସମସ୍ତ କାର୍ଯ୍ୟକ୍ରମ ଏବଂ ବିଶେଷକରି ଅସହାୟ ମହିଳାଙ୍କୁ ପ୍ରକୃତ ନ୍ୟାୟ ଦିଆଯାଉଥିବାରୁ ଅନୁଷ୍ଠାନର ସଚିବ ପ୍ରମୋଦ କୁମାର ସାହୁ ଏବଂ ପରାମର୍ଶଦାତ୍ରୀ ଜୟଶ୍ରୀ ମହାପାତ୍ରଙ୍କୁ ପ୍ରଶଂସା କରିଥିଲେ। କଲ୍ୟାଣୀ ନାୟକ ଏହି ଅନୁଷ୍ଠାନର ସବ କମିଟି ଅଧ୍ୟକ୍ଷ ତଥା ଉପଜିଲାପାଳ ଲଳିତ କୁମାର କହଁର ଏବଂ କାର୍ଯ୍ୟକାରୀ ସଦସ୍ୟ ଡ. ଚନ୍ଦ୍ରଧ୍ୱଜା ପଣ୍ଡାଙ୍କୁ ସାକ୍ଷାତ କରି ଅନୁଷ୍ଠାନ ଉପରେ ଆଲୋଚନା କରିଥିଲେ।

## ଜୟ ମା' ଦୁର୍ଗା ଫୁଟ୍‌ବଲ ଟୁର୍ନାମେଣ୍ଟ

ମାଲକାନଗିରି,୨୬ା୧୦(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା କାଳିମେଳା ବ୍ଲକ ଏମ୍‌ପିଭି ୬୫ ଗ୍ରାମରେ ଜୟ ମା' ଦୁର୍ଗା ଫୁଟ୍‌ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଗୁରୁବାର ଏହାର ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଫାଇନାଲ ଖେଳ କଟକ ଓ ନବରଙ୍ଗପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କଟକ ଟିମ୍ ୪-୧ ଗୋଲରେ ବିଜୟ ଲାଭ କରିଥିଲା। ଟୁର୍ନାମେଣ୍ଟର ମୁଖ୍ୟ ଆକର୍ଷଣ ମୁଖ୍ୟ ଅତିଥି ଭାବେ ମାଲକାନଗିରି ଜିଲା ବିଜୁ ଜନତା ଦଳ ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ଜିଲା ପରିଷଦ ଉପାଧ୍ୟକ୍ଷ ପତିତପାବନ ବୈଦ୍ୟ, ସମ୍ମାନନୀୟ ଅତିଥି ମାଲକାନଗିରି ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଆଡମା ରାବା, କାଳିମେଳା ବ୍ଲକ ସଭାପତି ଶରତ ଚନ୍ଦ୍ର ବିଶ୍ୱାଳ, ଜିଲା ସମ୍ପାଦକ କାଳିମେଳା ଏମ୍‌ପି ପ୍ରତିନିଧି ଇ. ଭେଙ୍କଟ ରାଓ, ଜିଲା ସମ୍ପାଦକ ନିରୋଧ ମିସ୍ତ୍ରି, ଜୋନ୍ ୩ ସଭାପତି ତଥା ବେଜାଙ୍ଗିବାଡା ପଞ୍ଚାୟତ ସଭାପତି ସୁବ୍ରତ ସିଲ ପ୍ରମୁଖ ଉପସ୍ଥିତ ଥିଲେ।



ଟୁର୍ନାମେଣ୍ଟରେ ଯୋଗଦେଇଥିବା ଅତିଥି।

# ମେରି ମିଟି ମେରା ଦେଶ ଅମୃତ କଳସ ଶୋଭାଯାତ୍ରା

ମାଲକାନଗିରି, ୨୬ା୧୦ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ସଦର ମହକୁମା ସ୍ଥାନୀୟ ଜିଲା ସଂସ୍କୃତି କାର୍ଯ୍ୟାଳୟଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ମେରି ମାଟି ମେରା ଦେଶ କାର୍ଯ୍ୟକ୍ରମର ଅମୃତ କଳସ ଶୋଭାଯାତ୍ରା କରାଯାଇଛି। ଏହାକୁ ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଭଳି କାର୍ଯ୍ୟକ୍ରମ ଜନସାଧାରଣଙ୍କ ମଧ୍ୟରେ ଜାତୀୟତା ଭାବ ସୃଷ୍ଟି କରିବା ସହ ଉତ୍ତରପିଢ଼ିଙ୍କୁ ଦେଶମାତୃକାର ସୁରକ୍ଷା ଯୋଗାଇବା ପାଇଁ ପ୍ରେରଣା ଦେବ ବୋଲି ଟାଙ୍ଗୁଲ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଜିଲାର ୭ ବ୍ଲକ ଓ ୧୧୧ ପଞ୍ଚାୟତରୁ ମାଟି ସଂଗ୍ରହ କରାଯାଇଥିଲା। ପ୍ରତ୍ୟେକ ଜିଲାରୁ ଜଣେ ଅଧିକାରୀ ଏବଂ ଜଣେ ନେହେରୁ ଯୁବକେନ୍ଦ୍ର ସ୍ୱେଚ୍ଛାସେବୀ ଏହି ମାଟି ନେଇ ଦିଲ୍ଲୀ ଗସ୍ତ କରିବେ। ଆସନ୍ତା ୩୦ ଓ ୩୧ ତାରିଖରେ ଦିଲ୍ଲୀର କର୍ତ୍ତବ୍ୟ ପଥରେ ଉଦ୍‌ଯାପନୀ ଉତ୍ସବ ଆୟୋଜନ ହେବ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରାଜୀବ ପୂଜାରୀ ଏବଂ ନେହେରୁ ଯୁବକେନ୍ଦ୍ର ସ୍ୱେଚ୍ଛାସେବୀ ଜଗନ୍ନାଥ ହନ୍ତାଳ ଅମୃତ କଳସ ନେଇ ଗୁରୁବାର ଭୁବନେଶ୍ୱର ଯାଇଛନ୍ତି। ଶୁକ୍ରବାର ରାଜଧାନୀରେ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବେ। ୪୫ରୁ ଊର୍ଦ୍ଧ୍ୱ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷକ ଶିକ୍ଷୟିତ୍ରୀ, ବୁଦ୍ଧିଜୀବୀ ଓ ନେହେରୁ ଯୁବକେନ୍ଦ୍ର ସ୍ୱେଚ୍ଛାସେବୀ ସମସ୍ତେ ସ୍ଲୋଗାନ ଦେଇ ଅମୃତ କଳସ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରା କରିଥିଲେ। ସେଠାରେ କଳସଟିକୁ ଜିଲାରୁ ଦିଲ୍ଲୀ ଅଭିମୁଖେ ଯାତ୍ରା କରୁଥିବା ଦୁଇ ପ୍ରତିନିଧିଙ୍କୁ ହସ୍ତାନ୍ତର କରାଗଲା।

କାର୍ଯ୍ୟକ୍ରମକୁ ହରେକୃଷ୍ଣ କୀର୍ତ୍ତନିଆ, ରଞ୍ଜନ ମହାନ୍ତି ଓ ନେହେରୁ ଯୁବକେନ୍ଦ୍ରର ସନ୍ତୋଷ ପାତ୍ର ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ଦେଶର ସ୍ୱାଧୀନତା ଓ ପ୍ରଗତିର ଯାତ୍ରାକୁ ସ୍ମରଣକରି ମେରି ମାଟି ମେରା ଦେଶ କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇଛି। ଏହା ମାଧ୍ୟମରେ ଦେଶ ପାଇଁ ବଳିଦାନ ଦେଇଥିବା ବୀରପୁରୁଷ ଓ ବୀରାଙ୍ଗନାମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି। ଆଜାଦୀ କା ଅମୃତ ମହୋତ୍ସବର ଉଦ୍‌ଯାପନୀ କାର୍ଯ୍ୟକ୍ରମ ସ୍ୱରୂପ ୯ ଅଗଷ୍ଟ ୨୦୨୩ରେ ମେରି ମାଟି ମେରା ଦେଶ ଅଭିଯାନର ପରିକଳ୍ପନା କରାଯାଇଥିଲା।



କଳସ ଶୋଭାଯାତ୍ରା।

# ଭୂ-ବନ୍ଦୋବସ୍ତ ସର୍ଭେ, ଉପଖଣ୍ଡ ମାନ୍ୟତା ଦାବି

## ଜିଲାପାଳଙ୍କୁ ସମସ୍ୟା ଜଣାଇଲା ଉମରକୋଟ ବିକାଶ ପରିଷଦ

ନବରଙ୍ଗପୁର,୨୬।୧୦(ସଦାଶିବ ପ୍ରହରାଜ)

ଉମରକୋଟ ବିକାଶ ପରିଷଦ ସଦସ୍ୟମାନେ ଅଞ୍ଚଳର ୫ ଦଫା ଦାବି ପୂରଣ ନେଇ ନବରଙ୍ଗପୁର ଜିଲାପାଳ କମଳ ଲୋଚନ ମିଶ୍ରଙ୍କ ସହ ଆଲୋଚନା କରିଛନ୍ତି। ଦାବି ପୂରଣ ନ ହେଲେ ପରିଷଦର ନିଷ୍ପତ୍ତି ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ସଦସ୍ୟମାନେ କହିଛନ୍ତି।

ଉମରକୋଟରେ ସେଟଲମେଣ୍ଟ(ଭୂ-ବନ୍ଦୋବସ୍ତ) ସର୍ଭେ କରିବାକୁ ପରିଷଦ ପକ୍ଷରୁ କୁହାଯାଇଛି। ୧୯୫୦-୫୬ ମଧ୍ୟରେ ପ୍ରଥମ ଭୂ-ବନ୍ଦୋବସ୍ତ ସର୍ଭେ ହୋଇଥିଲା। ନବରଙ୍ଗପୁର ଜିଲାର ସମସ୍ତ ତହସିଲରେ ୧୯୯୦-୯୮ ମଧ୍ୟରେ ସେଟଲମେଣ୍ଟ ସର୍ଭେ କରାଯାଇଥିଲା। ସେହି ସମୟରେ ଉମରକୋଟ ଓ ରାଇଘର ତହସିଲ ସମେତ ଝରିଗାଁ ତହସିଲର କେତେକ ଗ୍ରାମ ସର୍ଭେରୁ ବାଦ୍ ପଡ଼ିଥିଲା। ୧୯୫୬ରେ ଲୋକେ ଯେଉଁ ଜମିର ପଟ୍ଟା ପାଇଥିଲେ ସେହି ଦିନରୁ ଆଜି ପର୍ଯ୍ୟନ୍ତ ନୂତନ ସେଟଲେମେଣ୍ଟ ହୋଇ ନ ଥିବାରୁ ଏହି ଅଞ୍ଚଳରେ ଜମିଜମା ସମସ୍ୟା ଲାଗି ରହିଛି। ତହସିଲରେ ଆର୍‌ଓଆର୍ ଓ ମ୍ୟାପ ନ ଥିବାରୁ ଜମି କିଣା ବିକାରେ ଅସୁବିଧା ହେବା ସହ ବିବାଦ ଦେଖାଦେଉଛି। ଲୋକେ ଜମି କିଣାବିକା କରିପାରୁ ନାହାନ୍ତି। ଏଣୁ ତୁରନ୍ତ ସେଟଲମେଣ୍ଟ ସର୍ଭେ କରିବା ପାଇଁ ଦାବି ହୋଇଛି। ଉମରକୋଟକୁ ଉପଖଣ୍ଡ ମାନ୍ୟତା ଦେବାକୁ ଦାବି କରାଯାଇଛି। ଗାଁରେ ସରକାର ପହଞ୍ଚିବା ପାଇଁ ଜିଲା ଗଠନ ହୋଇଥିଲା। ତେବେ ଡାବୁଗାଁ, ଚନ୍ଦାହାଣ୍ଡି, ଝରିଗାଁ, ଉମରକୋଟ ଓ ରାଇଘର ବ୍ଲକର ବିଭିନ୍ନ ଗାଁ ଜିଲା ସଦର ମହକୁମାରୁ ଶହେରୁ ଅଧିକ କି.ମି. ଦୂରରେ ରହିଥିବାରୁ ଲୋକେ ସରକାରୀ ସୁବିଧା ପାଇପାରୁ ନାହାନ୍ତି। ଲୋକଙ୍କ ପାଖକୁ ସରକାର ପହଞ୍ଚିବା ପାଇଁ ବହୁ ବର୍ଷ ହେବ ଉମରକୋଟ ଉପଖଣ୍ଡ ଘୋଷଣା ନେଇ କେବଳ ପ୍ରତିଶ୍ରୁତି ମିଳିଆସୁଛି। ଉପଖଣ୍ଡ ଘୋଷଣା ହୋଇପାରୁ ନ ଥିବାରୁ ଏହି ୫ଟି ବ୍ଲକର ଦୂରଦୂରାନ୍ତର ଲୋକେ ହନ୍ତସନ୍ତ ହେଉଛନ୍ତି। ଏଣୁ ତୁରନ୍ତ ଆଗାମୀ ଆର୍ଥିକ ବର୍ଷରୁ ଉପଖଣ୍ଡ ମାନ୍ୟତା ପ୍ରଦାନ ପାଇଁ ଦାବି ରଖାଯାଇଛି। ସେହିପରି ଭାବେ ଉମରକୋଟ ଡାକ୍ତରଖାନା ସବ୍‌ଡିଭିଜନ୍ ହସ୍ପିଟାଲ ମାନ୍ୟତା ପାଇଥିଲେ ମଧ୍ୟ ନା ଅଛନ୍ତି ଆବଶ୍ୟକ ଡାକ୍ତର ନା ରହିଛି ଆବଶ୍ୟକ ସଂଖ୍ୟକ ବେଡ୍। ଏହି ଡାକ୍ତରଖାନା ଉପରେ ୫ଟି ବ୍ଲକର ଲକ୍ଷାଧିକ ଲୋକେ ନିର୍ଭର କରୁଛନ୍ତି। ଏ ପର୍ଯ୍ୟନ୍ତ ଡାଏଲିସିସ୍ ୟୁନିଟ ଓ ବ୍ଲଡ୍ ବ୍ୟାଙ୍କ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଉମରକୋଟ ଅଞ୍ଚଳରେ ଜିଲାର ସର୍ବାଧିକ ରକ୍ତ ସଂଗ୍ରହ ହେଉଥିଲେ ମଧ୍ୟ ଏଠାରେ ରକ୍ତଭଣ୍ଡାରଟିଏ ନାହିଁ। ଏଥିସହ ଉମରକୋଟ ସହରରେ ଏକ ବାଇପାସ୍ ରାସ୍ତା କରିବାକୁ ଦାବି ହୋଇଛି।

ସେଟଲମେଣ୍ଟ ପାଇଁ ହାଇଟେକ୍ ସର୍ଭେ କରିବାକୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଖୁବ୍ ଶୀଘ୍ର ଏହି ସର୍ଭେ ହେବ ବୋଲି ଜିଲାପାଳ କମଳଲୋଚନ ମିଶ୍ର କହିଛନ୍ତି। ଉମରକୋଟକୁ ଉପଖଣ୍ଡ ମାନ୍ୟତା ଦେବା ଦାବି ସରକାରଙ୍କ ନିକଟରେ ବିଚାରାଧୀନ ରହିଛି। ଖୁବ୍ ଶୀଘ୍ର ଡାଏଲିସିସ୍ ୟୁନିଟ ଓ ରକ୍ତଭଣ୍ଡାର କାର୍ଯ୍ୟକ୍ଷମ ହେବ। ଏମ୍‌ସିଏଚ୍ କୋଠା କାର୍ଯ୍ୟକ୍ଷମ ହେଲେ ବେଡ୍ ସମସ୍ୟା ସମାଧାନ ହେବ ବୋଲି ଜିଲାପାଳ କହିଛନ୍ତି। ଜିଲାପାଳଙ୍କ ସହ ଆଲୋଚନା ବେଳେ ବିକାଶ ପରିଷଦର ବରିଷ୍ଠ ନେତା ଜୟଦେବ ପରିଡ଼ା, ରମେଶ ସାହୁ, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ଝାଡେଶ୍ୱର ମହାନ୍ତି, ତପନ ଦେବନାଥ, ମୁନା ପାଢ଼ୀ, ଡ. ସୁରେନ୍ଦ୍ର ନାଥ ଦାସ, ତପନ ପାଲ, କାଜମ ମାଦାନି, ସଞ୍ଜୀବ ବିଶ୍ୱାସ, ସଲିମ ରାଠୋର, କୃଷ୍ଣ ପଟ୍ଟନାୟକ ପ୍ରମୁଖଙ୍କ ସମେତ ପରିଷଦର ବହୁ ସଭ୍ୟ ଉପସ୍ଥିତ ଥିଲେ।


ପରିଷଦ ସଦସ୍ୟମାନେ ଜିଲାପାଳଙ୍କ ସହ ଆଲୋଚନା କରୁଛନ୍ତି।

# ଡାବୁଗାଁର ୩ ସ୍ଥାନରେ ଦୁର୍ଘଟଣା: ୫ ଗୁରୁତର

ଡାବୁଗାଁ, ୨୬।୧୦ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ୩ ସ୍ଥାନରେ ଦୁର୍ଘଟଣା ଘଟି ୫ଜଣ ଗୁରୁତର ହୋଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ଚେରଚେଟିଆଗୁଡ଼ା ଗ୍ରାମର କମଳଲୋଚନ ଲହରା (୪୦), ଟିକିଲି ଗ୍ରାମର କେଶବ ବିନ୍ଧାଣି (୫୦) ଓ ଡାବୁଗାଁ ଗ୍ରାମର ଭଗବାନ ବିନ୍ଧାଣି (୪୦) ଡାବୁଗାଁ ଆଡ଼କୁ ଆସୁଥିବାବେଳେ ମୁଣ୍ଡୀଗୁଡା ଗ୍ରାମ ଛକ ନିକଟରେ ସେମାନଙ୍କ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେହିପରି ଡାବୁଗାଁ - ମେଦନା ମୁଖ୍ୟ ରାସ୍ତାରେ ଝରିଗାଁ ବ୍ଲକ ଅଧୀନ ପୁପୁଗାଁ ଗ୍ରାମର ଚିତ୍ରସେନ ହରିଜନ (୩୦) ଡାବୁଗାଁରୁ ବାଇକ୍‌ରେ ଘରକୁ ଫେରୁଥିବାବେଳେ ଟିକିଲି ଛକ ନିକଟରେ ଭାରସାମ୍ୟ ହରାଇ ପଡିଯାଇଥିଲେ। ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଡାବୁଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡାବୁଗାଁ - ଉମରକୋଟ ମୁଖ୍ୟ ରାସ୍ତାରେ ଡଙ୍ଗରୀଗୁଡା ଗ୍ରାମର ବିଶ୍ୱନାଥ ମାଝି (୫୪) ଉମରକୋଟ ଆଡୁ ନିଜ ଘରକୁ ଫେରୁଥିବା ବେଳେ ଦଶମୁଣ୍ଡିଆ ମନ୍ଦିର ନିକଟରେ ଭାରସାମ୍ୟ ହରାଇ ରାସ୍ତା ଉପରେ ପଡି ଆହତ ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଡାବୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସମସ୍ତଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ମନ ମୋହିଲା ଆଧ୍ୟାତ୍ମିକ ଚୈତନ୍ୟ ଝାଙ୍କି

ଚନ୍ଦାହାଣ୍ଡି, ୨୬।୧୦(ଦିଲୀପ ଦାସ)



ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ପୂଜାରୀଗୁଡ଼ା ବ୍ରହ୍ମାକୁମାରୀ ଗୀତା ପାଠଶାଳାରେ ନବଦିବସୀୟ ଯୋଗଭଟି ନବରଙ୍ଗପୁର ଉପକ୍ଷେତ୍ର ରାଜଯୋଗିନୀ ବିକେ ନମିତା ଭଉଣୀଙ୍କ ଉପସ୍ଥିତିରେ ଉଦ୍‌ଘାଟିତ ହୋଇଛି। ଶୀତଳା ମାତା, ବୈଷ୍ଣବୀ, ଜଗଦମ୍ବା, ସରସ୍ୱତୀ, ଲକ୍ଷ୍ମୀ, ଦୁର୍ଗା ଦେବୀଙ୍କ ସ୍ୱରୂପରେ ବିଭିନ୍ନ ସ୍ଥାନରେ ସ୍ଥିତ ହୋଇ ସମଗ୍ର ବିଶ୍ୱକୁ ଶୁଭ ଭାବନାରେ ବିଶ୍ୱାସ କରିବା ଏବଂ ଏହାର ଫଳ ପ୍ରାପ୍ତି ନିମନ୍ତେ ସମସ୍ତଙ୍କୁ ଅନୁରୋଧ କରାଯାଇଛି। କଳାହାଣ୍ଡି, ନୂଆପଡ଼ା, ନବରଙ୍ଗପୁର, କୋରାପୁଟ ଜିଲାର ବିଭିନ୍ନ ସେବା କେନ୍ଦ୍ରରୁ ବ୍ରହ୍ମାକୁମାରୀ ମମତା, ପୁଷ୍ପା, ଜୟା, ନର୍ମଦା, ସୁଶୀଳା, ବବିତା, କବିତା, ସନ୍ଧ୍ୟା, କିରଣ, ଅଞ୍ଜୁ, ଉର୍ମିଳା, ଜୟନ୍ତୀ, ପଦ୍ମିନୀ, ସ୍ୱାତୀ, ଶୁଭ ସଂକଳ୍ପ ଉପସ୍ଥାପନା କରିଥିଲେ। ଝରିଗାଁ ସେବାକେନ୍ଦ୍ରର ସନ୍ଧ୍ୟା ଭଉଣୀ ବାଣୀରେ ନବ ଦେବୀଙ୍କୁ ଆବାହନ କରିଥିଲେ। ଲକ୍ଷ୍ମୀ ଭଉଣୀ ଓ ଗିରୀଶ ଭାଇ ଶିବବାବାଙ୍କ ସଙ୍ଗୀତ ପରିବେଷଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଚନ୍ଦାହାଣ୍ଡି ସେବାକେନ୍ଦ୍ର ସଞ୍ଚାଳିକା ମମତା ଭଉଣୀ ପରିଚାଳନା କରିଥିଲେ। ଶେଷ ଦିନରେ ନବରଙ୍ଗପୁର ମୁଖ୍ୟ ସଞ୍ଚାଳିକା ବିକେ ନିଲମ ଭଉଣୀ ଯୋଗଦେଇ ଶିବବାବା ଧରାପୃଷ୍ଠକୁ ଆସି ଅନ୍ଧାରରୁ କିପରି ଆଲୋକର ବାଟ ଦେଖାଉଛନ୍ତି ସେ ସମ୍ପର୍କରେ ବିଶଦ ଭାବରେ ବୁଝାଇଥିଲେ। ଚନ୍ଦାହାଣ୍ଡି ସହର ହାଟପଦାରେ ହୋଇଥିବା ଦୁର୍ଗାପୂଜା ଓ ଲାଖବିନ୍ଧା ଉତ୍ସବ ଉପଲକ୍ଷେ ପୂଜାରୀଗୁଡ଼ା ବ୍ରହ୍ମାକୁମାରିଜ୍ ପକ୍ଷରୁ କରାଯାଇଥିବା ଦିବ୍ୟଚେତନା ଝାଙ୍କି ଜୀବନ୍ତ ଓ ସମସ୍ତଙ୍କ ମନ ମୋହିଥିଲା। ଚନ୍ଦାହାଣ୍ଡି ସେବାକେନ୍ଦ୍ରର ବିକେ ସୁରେଶ ଭାଇ, ଦେବେନ୍ଦ୍ର ଭାଇ, ଦିଲୀପ ଭାଇ, ଅଭି ଭାଇ, ଦେବାନନ୍ଦ ଭାଇ, ଧନୁ ଭାଇ, ଶିବ ଭାଇ, ଜିତେନ୍ଦ୍ର ଭାଇ, ସହଦେବ ଭାଇ, ଗୁଞ୍ଜୁ ଭାଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆଦିବାସୀ ଦଶହରାରେ ବୁଲିଲେ ଲାଠି, କୁର୍ଚି

ଡାବୁଗାଁ, ୨୬।୧୦ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମାରେ ଗୁରୁବାର ପାରମ୍ପରିକ ଆଦିବାସୀ ଦଶହରା ପାଳିତ ହୋଇଯାଇଛି। ଏଥିରେ ବ୍ଲକ ଅଧୀନ ବିଭିନ୍ନ ଗ୍ରାମରୁ ଲାଠି, କୁର୍ଚି ଓ ଶିରା ମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଅପରାହ୍ନରେ ସମସ୍ତ ଲାଠି, କୁର୍ଚି ଡାବୁଗାଁ ମାଁ ଠାକୁରାଣୀ ମନ୍ଦିରରେ ପହଞ୍ଚି ଥିଲେ। ସେଠାରୁ ଲାଠି, କୁର୍ଚି, ଶିରା ଓ ଦିଶାରୀମାନେ ସଜ୍ଜିତ ହୋଇ ପାରମ୍ପରିକ ଢୋଲ ମର୍ଦଳ ତାଳେ ତାଳେ ଗ୍ରାମ ପରିକ୍ରମା କରି ମାଁ ଡାବାଦେଇ ମନ୍ଦିରରେ ପହଞ୍ଚିଥିଲେ। ଏହି ସମୟରେ ଭକ୍ତଙ୍କ ଭିଡ଼ ହୋଇଥିଲା। ରାତିରେ ଲୋକଙ୍କ ମନୋରଞ୍ଜନ ପାଇଁ କୋରାପୁଟ ଜିଲା ଗଞ୍ଜେଇପଦର ଗ୍ରାମର ଆଦିବାସୀ ନାଟକ ଭୁବନ ଗୁରୁଙ୍କ ନିର୍ଦ୍ଦେଶିତ ଦିଲ ଦେଇ ବରବାଦ ହେଲି ଓ କୁନ୍ଦ୍ରା ଗ୍ରାମର କର୍ଣ୍ଣ ଗୁରୁଙ୍କ ନିର୍ଦ୍ଦେଶିତ ଦୁଃଖ ଦେଇଗଲା ଜୀବନ ସାଥୀ ପ୍ରଦର୍ଶିତ ହୋଇଛି। କାର୍ଯ୍ୟକ୍ରମ ସବୁ ଡାବୁଗାଁ ଦୁର୍ଗା ପୂଜା କମିଟି ପରିଚାଳନା କରିଥିଲେ। ପ୍ରକାଶ ଯେ, ଆଶ୍ୱିନ ମାସରେ ପଡୁଥିବା ଦଶହରା ପରେ ଯେଉଁ ଗୁରୁବାର ପଡିଥାଏ ସେହିଦିନ ଆଦିବାସୀ ଦଶହରା ପାଳିତ ହୋଇଥାଏ।


ଲାଠି, କୁର୍ଚି, ଶିରା ଓ ଦିଶାରୀମାନେ ବଜାର ପରିକ୍ରମା କରୁଛନ୍ତି।



